ଶନିବାର, ୩୦ ନଭେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

ସୋନୁ ଫିଜିକ୍ସ ପରୀକ୍ଷା ଦେବାକୁ ଗଲା। ସେଥିରେ ପ୍ରଶ୍ନ ଥିଲା ଯେ ଏମିତି ଗୋଟିଏ ଲିକ୍ୱିଡ୍ ବିଷୟରେ ଲେଖ, ଯାହା ଗରମ ହେଲା ପରେ ସଲିଡ୍ ଫର୍ମ ହୋଇଯିବ।
ସୋନୁ ପ୍ରଶ୍ନର ଉତ୍ତର: ବେସନର ପକୋଡ଼ି।

ଗପୁ: ଦିୱାଲି ଦିନ ମୁଁ ଗୋଟେ ରକେଟ୍ ଛାଡ଼ିଥିଲି ସେ ସିଧା ଯାଇ ସୂର୍ଯ୍ୟ ସାଙ୍ଗରେ ପିଟିହେଲା।
ପପୁ: (ଆଶ୍ଚର୍ଯ୍ୟ ହୋଇ) ପୁଣି କ'ଣ ହେଲା ?
ଗପୁ: ପୁଣି ମୋ ଉପରେ ମାଡ଼ ହେଲା।
ପପୁ: କିଏ ପିଟିଲା ?
ଗପୁ: ସୂର୍ଯ୍ୟର ମାମା ମୋତେ ପିଟିଲା।

ଶିକ୍ଷକ: ଯଦି ଦୁଇଟି ବହିରେ ଆଉ ତିନୋଟି ଯୋଡ଼ିଦେବା, କେତେହେବ ?
ରୋହନ: ସାର୍, ପାଞ୍ଚଟି ବହି ହେବ।
ଶିକ୍ଷକ: ଭେରିଗୁଡ୍। ଏବେ କୁହ ୩୪୩ ବହିରେ ଯଦି ଆମେ ୪୩୩ ବହି ଯୋଡ଼ିବା, ତେବେ କେତେ ବହି ହେବ ?
ରୋହନ: ସାର୍, ଲାଇବ୍ରେରୀ।

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଗୋଟିଏ ଓଟର କାହାଣୀ



**ଗପ**

ପୁରୀ ସମୁଦ୍ରକୂଳରେ ସବୁଦିନ ଲୋକଙ୍କର ଭିଡ଼ ଜମେ। ବିଶେଷକରି ସନ୍ଧ୍ୟା ସମୟରେ ହଜାର ହଜାର ଲୋକ ଏକାଠି ହୁଅନ୍ତି। ଯାତ୍ରୀଙ୍କ ଭିଡ଼କୁ ଦେଖି ସେଠାରେ ଥାଆନ୍ତି କେତୋଟି ଘୋଡ଼ା ଏବଂ ଓଟ। ପିଲାଠାରୁ ବଡ଼ଯାଏ ଘୋଡ଼ା କିମ୍ବା ଓଟ ଉପରେ ବସି ସମୁଦ୍ରବାଲିରେ ଦୁଇ ଘେରା ବୁଲି ଆସିବାକୁ ମନ କରନ୍ତି। ସେଥିପାଇଁ ଘୋଡ଼ାଚାଳକ, ଓଟ ମାଲିକ ସକାଳ ଏବଂ ସଞ୍ଜରେ ତାଙ୍କ ଘୋଡ଼ା ଏବଂ ଓଟକୁ ନେଇ ଆସିଯାଆନ୍ତି ସମୁଦ୍ରକୂଳକୁ।

ଓଟ ପିଠିରେ ପଡ଼ିଥାଏ ରଙ୍ଗିନ୍ ପଲାଣ। ବହୁତ ଆରାମରେ ଦୁଇପଟେ ପାଦ ରଖିବା ପାଇଁ ସୁବିଧା ଥାଏ। ବହୁତ ଉଚ୍ଚ ହୋଇଥିବାରୁ ଓଟ ପିଠିରେ ବସିବାକୁ ଓଟଚାଳକ ସାଙ୍ଗରେ ଶିଡ଼ିଟିଏ ରଖିଥାଏ। ଘୋଡ଼ା ଅପେକ୍ଷା ଓଟ ଉପରେ ବସିବା ପାଇଁ ଲୋକଙ୍କର ବେଶି ଆଗ୍ରହ। ଓଟ ସାଧାରଣତଃ ଉତ୍ତର ଭାରତ ରାଜସ୍ଥାନ ମରୁଭୂମିରେ ଦେଖାଯାଆନ୍ତି। ଓଟ ବାଲିରେ ଆରାମରେ ଚାଲିପାରେ। ସେଥିପାଇଁ ତାକୁ ମରୁଭୂମିର ଜାହାଜ କୁହାଯାଏ।

ଭାଦ୍ରବ ମାସ। ଦିନ ଦଶଟା ବାଜି ଯାଇଥାଏ। ଖରା ବଢ଼ି ଯାଇଥିବାରୁ ବେଶି ଜନଗହଳି ନ ଥାଏ ସମୁଦ୍ରକୂଳରେ। ଓଟ ମାଲିକ ତା' ଓଟଟିକୁ ଛାଡ଼ି କୁଆଡ଼େ ଚାଲି ଯାଇଥାଏ। ଓଟଟି ବାଲି ଉପରେ ପେଟେଇ ପଡ଼ି ଲମ୍ବା ବେକକୁ ବାଲି ଉପରେ ଲଦି ଦେଇ ଘୁମେଇ ପଡ଼ିଥାଏ। ତାକୁ ଚୁପଚାପ୍ ଶୋଇ ଘୁମାଉ ଥିବା ଦେଖି ବୁଲା କୁକୁରଟିଏ ଆସି ତା' ପାଖରେ ଶୋଇଗଲା। ପଚାରିଲା, "ଭାଇ! ତମେ ଆଜି ଏମିତି ଉଦାସ ଦିଶୁଛ କାହିଁକି? ପିଠିରେ ଲୋକଙ୍କୁ ବସାଇ ଥକିଗଲ କି? ନା ମାଲିକ ଆଜି ସକାଳୁ କିଛି ଖାଇବାକୁ ଦେଇ ନାହିଁ?"

ଓଟ କହିଲା, "ହଁ ଭାଇ, ମାଲିକ ଯାହା ସବୁଦିନ ଦିଏ, ଆଜି ସେହି ରୁଟି ଭାତ ଖାଇବାକୁ ଦେଇଛି। କିନ୍ତୁ ମତେ କାହିଁକି ଆଉ ସେଗୁଡ଼ା ରୁଚୁ ନାହିଁ। ମୋର ଛନଛନିଆ ଘାସ, ତାଳପତ୍ର ଖାଇବାକୁ ଇଚ୍ଛା ହେଉଛି। ଆମ ଓଟମାନଙ୍କର ପ୍ରିୟ କଣ୍ଟାବୁଦାର ପତ୍ରକଥା ମନେପଡୁଛି।"

ତା' କଥା ଶୁଣି କୁକୁର କହିଲା, "ଓଟ ଭାଇ! ଦେଖୁଛ ପରା ଇଏ ପୁରୀ ସହର। ଏଠି ଖାଲି ଲୋକ ମାଳ ମାଳ। ଗଳିକନ୍ଦିରେ ପକ୍କା ଘର, ପିଚୁ ସଡ଼କ, ଏଠି ଘାସ, କୁଟା, ତାଳପତ୍ର ଆସିବ କେଉଁଠୁ! ଆଉ ତମେ ଯେଉଁ କଣ୍ଟାଗଛ କଥା କହୁଛ ସେସବୁ ସିନା ତୁମ ରାଜସ୍ଥାନ ମରୁଭୂମିରେ ଦେଖାଯାଏ, ଏଠି ଆମ ଉପକୂଳ ଅଞ୍ଚଳରେ ଉଧାଏ ନାହିଁ।" ଓଟ କହିଲା, "ସେଇଥିପାଇଁ ପରା ଭାଇ ମନଟା ଦୁଃଖ ହୋଇ ଯାଉଛି। ମୋତେ କ'ଣ ମାଲିକ ଛାଡ଼ିବ ନା ମୁଁ ଆଉ କେବେ ଆମ ରାଜ୍ୟକୁ ଯାଇପାରିବି। ମୋ ପସନ୍ଦ ଖାଦ୍ୟ ଖାଇପାରିବି। ମୋ ସାଙ୍ଗ ସାଥୀମାନଙ୍କ କଥା ବି ବହୁତ ମନେପଡୁଛି। ଏଠି ତ ମୋ ଜାତିର ପଶୁ ଆଉ କାହାକୁ ଦେଖୁନାହିଁ, ଯାହା ସହ ଆମ ଭାଷାରେ ଦୁଇ ପଦ ଦୁଃଖ ସୁଖ ହୁଅନ୍ତି। ସେଇକଥା ଭାବି ଭାବି ଘୁମେଇ ପଡ଼ିଥିଲି।"

କୁକୁର କହିଲା, "ଆଚ୍ଛା ବଡ଼ଭାଇ ତା'ହେଲେ ତମେ ବଡ଼ ଦୁଃଖରେ ଅଛ।" ଓଟ କହିଲା, "ହଁ ଯେ କିନ୍ତୁ ମୋ ପିଠିରେ ବସି ଛୋଟ ଛୋଟ ପିଲାମାନେ ଖୁସି ହେଲେ ମୁଁ ମୋ ଦୁଃଖ ଭୁଲିଯାଏ। ମୋତେ ଭାରି ଭଲ ଲାଗେ। ହଉ ଯାଅ ସାନ ଭାଇ, ହେଇ ମୋ ମାଲିକ ଆସିଲାଣି। ମୋତେ ଉଠାଇ ନେଇଯିବ କାମକୁ।"

କୁକୁରଟି ଲାଞ୍ଜ ହଲାଇ ତା' ବାଟରେ ଚାଲିଗଲା। ଓଟଟି ନିଜ ମାଲିକ ପାଟି ଶୁଣି ଆଣ୍ଠୁ ଭରା ଦେଇ ଉଠିପଡ଼ିଲା।

**– ପ୍ରଦ୍ୟୁମ୍ନ ପଟ୍ଟନାୟକ**
ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର
ମୋ: ୯୯୬୮୨୮୦୮୯୬

# ମାଟି ତଳେ ମ୍ୟୁଜିୟମ୍

ଦେଶ ତଥା ରାଜ୍ୟର ଇତିହାସ ଓ ସଂସ୍କୃତି ସମ୍ପର୍କରେ ଅନେକ କିଛି ତଥ୍ୟ ମିଳିଥାଏ ମ୍ୟୁଜିୟମ୍‌ରୁ। ଏଥିପାଇଁ ବିଭିନ୍ନ ସ୍ଥାନରେ ମ୍ୟୁଜିୟମ୍ ତିଆରି ହୋଇଥାଏ। କେଉଁଠି ରାଜ୍ୟ ସରକାର ତିଆରି କରିଥା'ନ୍ତି ତ ଅନ୍ୟ କେଉଁଠି ବିଭିନ୍ନ ଅନୁଷ୍ଠାନ ତିଆରି କରିଥା'ନ୍ତି। ତେବେ ଭିନ୍ନ କଥା ହେଉଛି କି ଆଧୁନିକ ସମୟରେ ଏବେ ମାଟିତଳେ ମଧ୍ୟ ମ୍ୟୁଜିୟମ୍ ତିଆରି କରାଯାଇ ପାରୁଛି। ଏଭଳି ଏକ ଅଣ୍ଡରଗ୍ରାଉଣ୍ଡ ମ୍ୟୁଜିୟମ୍ ଆମ ଦେଶରେ ମଧ୍ୟ ରହିଛି। ପ୍ରଥମ ଥର ପାଇଁ ଏହା ତିଆରି ହୋଇଛି ଦିଲ୍ଲୀର ହୁମାୟୁନ୍ ଟମ୍ବ କମ୍ପ୍ଲେକ୍ସରେ। ଭାରତର ଏହି ପ୍ରଥମ ଅଣ୍ଡରଗ୍ରାଉଣ୍ଡ ମ୍ୟୁଜିୟମ୍‌ର ନାଁ ରହିଛି 'ସନ୍‌କେନ୍ ମ୍ୟୁଜିୟମ୍'। ଏହି ମ୍ୟୁଜିୟମ୍‌ରେ ୫୦୦ରୁ ଅଧିକ ପ୍ରାଚୀନ କଳାକୃତି ରହିଛି। ବିଭିନ୍ନ ପ୍ରକାରର ପ୍ରାଚୀନ ମୂର୍ତ୍ତି, ଐତିହାସିକ ବସ୍ତୁ, ପ୍ରାଚୀନ ମୁଦ୍ରା ଓ ଅନ୍ୟ ଭାରତୀୟ କଳାକୃତି ସବୁ ସଂଗୃହୀତ ହୋଇ ରହିଛି। ଏଠାରେ ଥିବା କିଛି କଳାକୃତି ୨୫୦୦ ବର୍ଷ ପୁରୁଣା। ୩୦୦ ଏକର ପରିମିତ ସ୍ଥାନରେ ଏହି ମ୍ୟୁଜିୟମ୍ ନିର୍ମାଣ କରାଯାଇଛି। ସାଧାରଣ ଲୋକଙ୍କ ପାଇଁ ଏହି ମ୍ୟୁଜିୟମ୍ ଦିନକୁ କିଛି ଘଣ୍ଟା ପାଇଁ ଖୋଲା ଯାଇଥାଏ। ତେବେ ଭୂମି ତଳେ ଏଭଳି ଏକ ମ୍ୟୁଜିୟମ୍ ଦର୍ଶକମାନଙ୍କୁ ଏକ ଭିନ୍ନ ଅନୁଭବ ଦେଉଛି।




# ମତାମତ


▸▸ ଗଳ୍ପରେ 'ବେଲୁନ୍‌ବାଲା' ପାଠଟି ପଢ଼ିବାକୁ ବହୁତ ଭଲ ଲାଗିଲା।
**– ନିତ୍ୟଚୈତନ୍ୟ ବେହେରା, ରାୟପୁର**

▸▸ 'ବୈଜ୍ଞାନିକଙ୍କ ବଗିଚା ନିଶା' ପାଠଟି ପଢ଼ି ବୈଜ୍ଞାନିକ ଉଇଲିୟମ୍ ବ୍ରାଗ୍‌ଙ୍କ ବିଷୟରେ କିଛି ତଥ୍ୟ ଜାଣିବାକୁ ମିଳିଲା।
**– ମହ୍ଲାର ସାହୁ, କେନ୍ଦ୍ରାପଡ଼ା**

▸▸ ଆଇନା ସ୍ତମ୍ଭରେ ପ୍ରକାଶିତ ଦୁଇଜଣଙ୍କ ଫଟୋ ବେଶ୍ ସୁନ୍ଦର ହୋଇଥିଲା।
**– ଚନ୍ଦନ ପୃଷ୍ଟି, ବାଲେଶ୍ୱର**

## ରଙ୍ଗ ଦିଅ







ପିଲାମାନେ ନିଜ ସଂକଳ୍ପ ପୂରଣ କରିବା ପାଇଁ କେତୋଟି କଥା ପ୍ରତି ଧ୍ୟାନ ଦେବା ଦରକାର। ଜାଣନ୍ତୁ ଏ ସମ୍ପର୍କରେ...

# ସଂକଳ୍ପ

ପାଠ ପଢ଼ିବା ସମୟରେ ପିଲାମାନେ କେତେକ କଥାକୁ ନେଇ ସଂକଳ୍ପ କରିଥାଆନ୍ତି। ଏହାପରେ ସେମାନେ କ'ଣ କରିବେ ସେ ବିଷୟରେ ଅନେକ କଥା ସେମାନଙ୍କ ମାନସପଟରେ ଉଙ୍କିମାରେ। ହେଲେ ତା' ଭିତରୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଚୟନ କରିବା ଆଉ ତାହାକୁ ସଫଳତାର ରୂପ ଦେବା ମଧ୍ୟ ଏତେ ସହଜ ନୁହେଁ। ତେଣୁ ନିଜ ସଂକଳ୍ପକୁ ପୂରଣ କରିବା ପାଇଁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଥିଲାଗି ଯେଉଁ ଟିପ୍ସକୁ ଅନୁସରଣ କରିବାକୁ ଯାଉଛନ୍ତି, ପ୍ରଥମେ ସେ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ତାହାର ଉଭୟ ଦିଗକୁ ତର୍ଜମା କରିବା ପରେ ହିଁ ଆପଣେଇଲେ ସେଥିରୁ ସଫଳତା ମିଳିବାର ଆଶା ଅଧିକ ଥାଏ। ତେବେ ନିଜ ସଂକଳ୍ପକୁ ସଫଳ କରିବାକୁ ନିମ୍ନଲିଖିତ ବିଷୟ ପ୍ରତି ପିଲାମାନେ ଦୃଷ୍ଟି ଦେଇପାରନ୍ତି।

## ମନକୁ ସ୍ଥିର ରଖନ୍ତୁ

କୌଣସି କଥାରେ ଆଗକୁ ବଢ଼ିବାକୁ ହେଲେ ପିଲାମାନେ ନିଜ ମନକୁ ସ୍ଥିର ରଖିବା ଦରକାର। କାରଣ ମନ ଯଦି ଅସ୍ଥିର ରହିଲା, ତେବେ ସବୁକିଛି ଅଡୁଆ ହୋଇଯାଏ। ତେଣୁ ନିଜ ସଂକଳ୍ପ ରାସ୍ତାରେ ଯାତ୍ରା କରୁଥିବା ବେଳେ ପିଲାମାନେ ପ୍ରଥମେ ନିଜ ମନକୁ ସ୍ଥିର ରଖନ୍ତୁ। ଏହାଦ୍ୱାରା ଜଣେ ଥଣ୍ଡା ମନରେ କିଛି ନିଷ୍ପତ୍ତି ନେଇପାରିବ। ତା'ସହ ନିଜେ କିଛି ନୂଆ କଥା ଚିନ୍ତା କରିପାରିବେ। ହୁଏତ ସେହି ସମୟରେ ନିଜ ସଂକଳ୍ପ ପୂରଣ ପାଇଁ ନୂଆ ରାସ୍ତା ମିଳିଯାଇପାରେ।

## ଚିନ୍ତାଧାରା

ପିଲାମାନେ ଯେତେବେଳେ ନିଜ ସଂକଳ୍ପ ପୂରଣ ପାଇଁ ଅଗ୍ରସର ହେଉଛନ୍ତି, ସେତେବେଳେ ନିଜ ଚିନ୍ତାଧାରା ପ୍ରତି ନଜର ଦେବା ଦରକାର। କାରଣ ଚିନ୍ତାଧାରା ଯଦି ସକାରାତ୍ମକ ନ ରହିଲା, ତେବେ ତାହାର ନକାରାତ୍ମକ ପ୍ରଭାବ ଚିନ୍ତାଧାରା ଉପରେ ପଡ଼ିଥାଏ। ତେଣୁ ସବୁବେଳେ ନିଜର ମନକୁ ସକାରାତ୍ମକ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ କାମ କରିବା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହେବ। ତେଣୁ ଏହି ସମୟରେ ନିଜକୁ ଟେନସନ୍‌ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।



## ସୁଯୋଗ

ନିଜ ସଂକଳ୍ପକୁ ପୂରଣ କରିବା ସମୟରେ ବେଳେବେଳେ ଭଲ ସୁଯୋଗ ଆସିଥାଏ। ସୁଯୋଗ ହାତକୁ ଆସିବା ସମୟରେ କେବେହେଲେ ହାତଛଡ଼ା କରନ୍ତୁ ନାହିଁ। ତେଣୁ ଏହି ସମୟରେ ଯେଉଁ ସୁଯୋଗ ମିଳୁଛି, ତାହାକୁ ଭଲ ଭାବରେ ଅନୁଶୀଳନ କରନ୍ତୁ। ହୁଏତ ଗୋଟିଏ ସୁଯୋଗ ପିଲାଙ୍କ ସଂକଳ୍ପ ପୂରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିପାରେ।

## ରୋଲ୍ ମଡେଲ

ନିଜ ସଂକଳ୍ପକୁ ପୂରଣ କରିବା ପାଇଁ ଯାହାକୁ ରୋଲ୍ ମଡେଲ ଭାବରେ ଗ୍ରହଣ କରୁଛ, ତାଙ୍କ ବିଷୟରେ ଭଲ ଭାବରେ ସବୁ ତଥ୍ୟ ନିଅନ୍ତୁ। ତାଙ୍କର କେଉଁ କଥା ତୁମ ପାଇଁ ଅଧିକ ପ୍ରେରଣାଦାୟକ ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଯଦି ଏଗୁଡ଼ିକୁ ଅନୁସରଣ କରନ୍ତି, ତାହା ନିଜ ସଂକଳ୍ପକୁ ପୂରଣ କରିବାରେ ସହାୟକ ହେବ କି ନାହିଁ ଜାଣିବା ନିହାତି ଦରକାର। ତେଣୁ ଏ କ୍ଷେତ୍ରରେ କାହାକୁ ରୋଲ୍ ମଡେଲ ଭାବରେ ଗ୍ରହଣ କରିବା ପୂର୍ବରୁ ତାଙ୍କ ବିଷୟରେ ଭଲଭାବେ ଅବଗତ ହୁଅନ୍ତୁ।

## ପ୍ରେରଣା

ଯିଏ ଆପଣଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି, ତାଙ୍କ ସହ ନିଜ ସଂକଳ୍ପ ବିଷୟରେ ଆଲୋଚନା କରନ୍ତୁ। ତାଙ୍କୁ କ'ଣ ପାଇଁ ନିଜର ପ୍ରେରଣା ବୋଲି ଭାବିଛନ୍ତି ସେ ବିଷୟରେ ଭାବନ୍ତୁ। ତାଙ୍କର କେଉଁ ଗୁଣ ତୁମ ପାଇଁ ପ୍ରେରଣାର ବାଟ ଖୋଲିଛି ସେ ବିଷୟରେ ପ୍ରଥମେ ପୁଙ୍ଖାନୁପୁଙ୍ଖ ଅବଗତ ହୁଅନ୍ତୁ ଏହା କେତେ ଦୂର ଠିକ୍ ନା ନାହିଁ ସେ ବିଷୟରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

## ଭୁଲ୍‌ର ତର୍ଜମା

ଯଦି କିଛି ଭୁଲ୍ କରିଛ ତାକୁ କିପରି ଠିକ୍ କରାଯିବ ସେ ବିଷୟରେ ଚିନ୍ତା କରନ୍ତୁ। ନିଜ ସଂକଳ୍ପ ପୂରଣ ପାଇଁ ଯଦି କିଛି ଭୁଲ୍‌ଭଟକା ହୋଇଥାଏ, ତେବେ ତାହାକୁ ଅଣଦେଖା କରିବା ଆଦୌ ଠିକ୍ ନୁହେଁ। ଏଥିସହ ନିଜକୁ ଠିକ୍ ବାଟରେ କିପରି ଅଗ୍ରସର କରାଇବେ ସେ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

## ଏମାନେ କ'ଣ କରନ୍ତି...

### ମନକୁ ସ୍ଥିର ରଖେ



ଏବେ ମୁଁ ପାଠ ପଢୁଛି। ତେଣୁ ମୁଁ ସଂକଳ୍ପ ନେଇଛି କେମିତି ଭଲ ନମ୍ବର ରଖିବି, ଯଦ୍ୱାରା ଭବିଷ୍ୟତରେ କିଛି କରିପାରିବି। ପାଠପଢ଼ାକୁ ଠିକ୍ ଭାବରେ ଆଗେଇ ନେବା ପାଇଁ ପ୍ରଥମେ ମୁଁ ସ୍ଥିର ମନ ସହ ଆଗକୁ ବଢ଼ିଥାଏ। ଏହି ସମୟରେ ମନରେ ଯଦି କିଛି ଦ୍ୱନ୍ଦ୍ୱ ଉପୁଜିଲା, ତେବେ ତାହାର ତୁରନ୍ତ ସମାଧାନ କରେ। ନିଜ ସଂକଳ୍ପକୁ ସଫଳ କରିବାକୁ ଯୋଜନା ଅନୁଯାୟୀ ଅଗ୍ରସର ହୁଏ। ଏ ସମ୍ପର୍କରେ କାହା କଥାକୁ ଗ୍ରହଣ କରିବା ପୂର୍ବରୁ ତାକୁ ଭଲ ଭାବରେ ନିଜେ ତର୍ଜମା କରେ।

**-ଶକ୍ତି ପ୍ରସାଦ ତରେଇ, କ୍ଲାସ-୯, ବୁଦ୍ଧିବର ଡିଆଁକୁଦା ହାଇସ୍କୁଲ, କୃଷ୍ଣପ୍ରସାଦ, ପୁରୀ**

### ନିଜ ଉପରେ ଭରସା ରଖେ



ସଂକଳ୍ପ କରିବା ଏବଂ ତାହାକୁ ହାସଲ କରିବା ଛୋଟ କଥା ନୁହେଁ। ତେଣୁ ଏ ବିଷୟରେ ପ୍ରଥମେ ନିଜର ବିଶ୍ୱାସ ଦୃଢ଼ ହେବା ଦରକାର। ତେଣୁ ମୁଁ ମୋ ସଂକଳ୍ପକୁ ନେଇ ଆଗେଇବା ବେଳେ ନିଜ ଉପରେ ଶତ ପ୍ରତିଶତ ଭରସା ରଖିଥାଏ। କାରଣ ଏହାଦ୍ୱାରା ମୋତେ ନିଜ କାମଗୁଡ଼ିକୁ ତୁଲାଇବା ସହଜ ହୋଇଥାଏ। ଏବେ ମୁଁ ପାଠପଢ଼ା ବ୍ୟତୀତ ଭବିଷ୍ୟତରେ ଜଣେ ଆଥ୍‌ଲେଟ୍ ହେବାକୁ ଲକ୍ଷ୍ୟ ରଖିଛି। ତେଣୁ ସେହି ଅନୁଯାୟୀ ମୋତେ ଦୃଢ଼ ହୋଇ ସବୁ ନିଷ୍ପତ୍ତି ନେବାକୁ ହେବ।

**-ସୋହମ୍ ଶିବାନୀ ବେହେରା, କ୍ଲାସ-୧୦, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର**



**ନିର୍ଲିପ୍ତା ରାୟ**
କ୍ଲାସ-୭, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର
୧



**ଅଙ୍କିତା ପାଣି**
କ୍ଲାସ- ୪, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କୁହୁଡି, ଖୋର୍ଦ୍ଧା
୨



**ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୧, ବି.ଜେ.ଇ.ଏମ୍ ସ୍କୁଲ-୧, ଲକ୍ଷ୍ମୀସାଗର, ଭୁବନେଶ୍ୱର
୩



**ମାନ୍ୟତା ରାଉତ**
କ୍ଲାସ-୪, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର
୪



**ଦେବାଂଶ ପାଣିଗ୍ରାହୀ**
କ୍ଲାସ- ୧, ବ୍ରିଜୱେଲ ଗ୍ଲୋବାଲ ସ୍କୁଲ, ଭୁବନେଶ୍ୱର
୫



**ରୋନଭ ଅଗ୍ରୱାଲ**
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ
୬




**ସତ୍ୟରଞ୍ଜନ ତ୍ରିପାଠୀ**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର
୭




ଦେବାଂଶୀ ମିଶ୍ର
କ୍ଲାସ- ୧, ସେଣ୍ଟ ଜାଭିଅର ହାଇସ୍କୁଲ, ରମାବଲ୍ଲଭ ରୋଡ, ପୁରୀ
୮




୧



୨




୩



୪




୫




୬




୭



୮



# କ ବି ତା

## ଆସିଲାଣି ଏବେ ଶୀତ

ଆସିଲାଣି ଏବେ ଶୀତରେ ଭାଇ
ବସିବା ତା' ସାଥେ ମିତ।
ଘନ କୁହୁଡ଼ିରେ ସକାଳ ପହରୁ
ମୁହଁକୁ ନ ଦିଶେ ମୁହଁ,
ଗୋସାଇଁ ନନା ଗାଧୁଆ ସାରିକି
ପୂଜୁଥାଏ ନୀତି ଦିଅଁ।
ଶୀତ ସକାଳରେ ଶିଶିର ଟୋପା
ଘାସ ଗାଲିଚାରେ ହସେ,
ସୁନେଲି କିରଣ ରବି ଢାଳି ଦେଲେ
ମୁକୁତା ପରାଏ ଦିଶେ।
ଚକୁଳିପିଠା ଓ ଗରମ ମୁଢ଼ି
ଶୀତ ଦିନେ ଲାଗେ ଭଲ,
ଏ ଦିନଟି ଛୋଟ କାମର ପାଇଁକି
ଶେଯଟି ଛାଡ଼ିବା ସଅଳ।
ଶୀତର ପରିବା ନିଇତି ଯୋଗାଏ
ଆମ ପ୍ରିୟ ଚଷା ଭାଇ,
ଶୀତକୁ ନ ମାନି କାମ କରେ ସିଏ
ଜଗତେ ମହାନ୍ ଅଟେ ସେହି।

**– ପ୍ରଦୀପ କୁମାର ନାଏକ**
ଦୀପଜ୍ୟୋତି କୁଟୀର, ହାତୀସରା,
ଦେଓଗାଁ, ବଲାଙ୍ଗୀର

## ଆମେ ଦିବ୍ୟାଙ୍ଗ

ଅନେକ ତାରାରୁ ଆମେ ଯେ ଏକ ତାରା
ଅନେକ ଭିତରେ ଦେଉ ଆଲୋକ ପରା
ଈଶ୍ୱରଙ୍କ ସର୍ଜନାରେ ଆମେରେ ଆସୁ
ଅନେକ ଭିତରେ ପରା ଆମେବି ହସୁ
ଭାବୁ ମନେ ଈଶ୍ୱରଙ୍କ ଏ ଦିବ୍ୟ ଅଙ୍ଗ
ସୁନ୍ଦର ଦୃଷ୍ଟିରେ ଦେଖୁ ସୃଷ୍ଟିକୁ ସାଙ୍ଗ
ଦୃଢ଼ ମନେ ବଢ଼ୁ ଧରି ସଂସାର ମଙ୍ଗ।
ବୋଝ ବୋଲି ଆମକୁରେ କେହି ଭାବନା
ସମସ୍ତଙ୍କ ସ୍ନେହ ଶ୍ରଦ୍ଧା କରୁ କାମନା
ବଢ଼ାଅ ଆଦରେ ସହଯୋଗର ହାତ
ସୁଗମ ହୋଇବ ଆମ ଏ ଚଲାପଥ
ଅଭ୍ୟାସ ବଳରେ ପରା ସକଳ ସିଦ୍ଧି
ଚେଷ୍ଟା କଲେ ଲଙ୍ଘିଯିବୁ ସାତ ବାରିଧି
ଚଢ଼ିପାରୁ ବହୁ ଉଚ୍ଚ ପର୍ବତ ଶୃଙ୍ଗ।

**– ଆଚାର୍ଯ୍ୟ କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ,ଧର୍ମଶାଳା,ଯାଜପୁର
ମୋ: ୭୮୭୩୫୧୦୦୨୭



## ମାଣବସା

ମାର୍ଗଶିର ମାସ ପ୍ରତି ଗୁରୁବାର
ଲକ୍ଷ୍ମୀଙ୍କ ପହିଲି ପାଳି,
ଲକ୍ଷ୍ମୀପାଦ ଝୋଟି ଏରୁଣ୍ଡିରେ ଲେଖି
ଘିଅଦୀପ ଦେବା ଜାଳି।
ଖଟୁଲି ଉପରେ ଷୋଳ ପାଖୁଡ଼ାର
ପଦ୍ମଟିଏ ଦେବା ଲେଖି,
ମାଣଧାନ ପରେ ଧାନ ମାଣିକାଟି
ଯତନରେ ଦେବା ରଖି।
ଗୁଆ ତିନିଗୋଟି କଉଡ଼ି କଡ଼ାଏ
ହଳଦୀପାଣିରେ ଧୋଇ,
ଦୂବ, ବରକୋଳିପତ୍ର, ପାଚିଲା କଦଳୀ
ମାଣ ପରେ ଦେବା ଥୋଇ।
ଲକ୍ଷ୍ମୀ, ପଦ୍ମାଳୟା, ଚଞ୍ଚଳା, କମଳା,
ପଦ୍ମା, ଦୁର୍ଗତିନାଶିନୀ,
ସିନ୍ଧୁର ଦୁଲଣୀ, ବିଷ୍ଣୁ ପାଟରାଣୀ
ଶ୍ରୀହରିପ୍ରିୟା, ବିଘ୍ନସେନୀ।
ସୁବାସ କୁସୁମ ସୁସ୍ୱାଦୁ ନୈବେଦ୍ୟ
ମାତାଙ୍କୁ ଅର୍ପଣ କରି,
ଲକ୍ଷ୍ମୀ ପୁରାଣକୁ ସୁସ୍ୱରେ ଗାଇବା
ଦେଇ ଶଙ୍ଖ ହୁଳହୁଳି।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




### ଦ୍ରୁତତମ ବ୍ୟାକଫ୍ଲିପ୍

ଜିମ୍ନାଷ୍ଟିକ୍‌ମାନଙ୍କ ବ୍ୟାକଫ୍ଲିପ୍ ଦେଖିଲେ ମନରେ ହୁଏତ ରୋମାଞ୍ଚ ସୃଷ୍ଟି ହୋଇପାରେ। କିନ୍ତୁ ସେମାନେ ଏଭଳି ସବୁ ଆଶ୍ଚର୍ଯ୍ୟଜନକ କଳା ପ୍ରଦର୍ଶନ କରିଥାନ୍ତି ଯାହା ଦେଖିବା ପାଇଁ ସମସ୍ତେ ଆଗଭର ଥାନ୍ତି। ଠିକ୍ ଏମିତି କିଛି କରି ଦେଖାଇଛନ୍ତି ଆମେରିକାର ଆସ୍‌ଲେ ୱାଷ୍ଟନ୍। ୬ ମିଟର ଦୂରତାରେ ଥିବା ଦୁଇଟି ଖୁଣ୍ଟ ମଧ୍ୟରେ ସେ ଦ୍ରୁତତମ ବ୍ୟାକଫ୍ଲିପ୍ କରି ଗିନିଜ୍ ରେକର୍ଡ କରିଛନ୍ତି। ୨୦୧୮ ମସିହାରେ ସେ ଏଭଳି ଏକ ବିରଳ ଦକ୍ଷତା ପ୍ରଦର୍ଶନ କରିଥିଲେ। ଆସ୍‌ଲେ ପ୍ରଥମେ ଜିମ୍ନାଷ୍ଟିକ୍ ଟ୍ରେନିଂ ନେଇଥିଲେ। ଏହାପରେ ତାଙ୍କୁ ଏଭଳି ରୋମାଞ୍ଚଭରା କୌଶଳ ଦେଖାଇବାକୁ ଭଲ ଲାଗିଥିଲା। ତେଣୁ ସେ ସେହି କ୍ଷେତ୍ରରେ ଅଭ୍ୟାସ ଜାରି ରଖିଲେ। ଏହାପରେ ସେ ସଫଳତା ହାସଲ କରିଥିଲେ। ଏତେ କମ୍ ସମୟ ମଧ୍ୟରେ ସେ ଗୋଟିଏ ପଟରୁ ଅନ୍ୟ ପଟକୁ ଡେଇଁ ପାରୁଛନ୍ତି। ଏଭଳି ବ୍ୟାକଫ୍ଲିପ୍ କରି ସେ ଅନ୍ୟମାନଙ୍କ ମନରେ ରୋମାଞ୍ଚ ଭରିବା ସହିତ ନିଜେ ମଧ୍ୟ ବେଶ୍ ଉପଭୋଗ କରନ୍ତି।

## ଏଥରର ?

- 'ମାସିର ଏ ଆଲମଗିରି' ପୁସ୍ତକର ଲେଖକ ?
- 'ହାମ୍‌ଲେଟ୍' ନାଟକର ଲେଖକ ?
- ପୁସ୍ତକ '୧୯୮୪'ର ଲେଖକ କିଏ ?
- କେଉଁ ତାପମାତ୍ରାରେ ପାଣି ବରଫରେ ରୁପାନ୍ତରିତ ହୋଇଥାଏ ?
- ସ୍ଥଳଭାଗରେ ସବୁଠାରୁ ଦ୍ରୁତତମ ପ୍ରାଣୀ ?

## ଗତଥରର ଉ ତ୍ତ ର

- କର୍ଣାଟକ
- କପର
- ବକ୍ସାଇଟ୍
- ୧୯୨୮ରେ ଆଲେକଜାଣ୍ଡାର ଫ୍ଲେମିଂ
- ମଙ୍ଗଳ

## କହିଲ ଦେଖି




ମହିମା ମଣ୍ଡିତା ମା' ହିଙ୍ଗୁଳା
ସେ ଜିଲାର ରାଣୀ
କଳ କାରଖାନା ସାଥିରେ
ରହିଛି କୋଇଲା ଖଣି
ଶଇଳ ଶ୍ରୀକ୍ଷେତ୍ର ଶୋଭା
ଆହାଃ କେଡ଼େ ମନଲୋଭା
କୁମ୍ଭୀର ପାଳନ ଟିକରପଡ଼ା
ସେଇ ଜିଲା ଦେହେ ହୋଇଛି ଯୋଡ଼ା
କୁହରେ କୁହ
ଜିଲା ନାଁ କହି ମିଠେଇ ଖାଅ।

**ଉତ୍ତର: ଅନୁଗୋଳ**



ଶବର ରାଜାର ନାଁରେ
ଜିଲା ନାମ ହୋଇଛି
ପୁଣ୍ୟ କପିଳାସ ଯୋରନ୍ଦା ଗାଦି
ଶୋଭା ପାଉଛି
ଗଜଲକ୍ଷ୍ମୀ ପୂଜା ପ୍ରସିଦ୍ଧ
ଅବା ନ ଜାଣେ କିଏ
ଶରଧାରେ ଯା'ର ପୟର
ପୁଣ୍ୟ ବ୍ରାହ୍ମଣୀ ଧୁଏ
ବରାର ସୁଆଦ ପାଇଛି ଯିଏ
ଜିଲା ନାଁ ଗୋଟି କହିବ ସିଏ।

**ଉତ୍ତର: ଢେଙ୍କାନାଳ**



ଜିଲାଟିର ନାମ ଆରମ୍ଭରେ
ଯେଉଁ ଅକ୍ଷର ଅଛି
ସେଇ ଅକ୍ଷରଟି ନାମ ଶେଷରେ ବି
ଶୋଭା ପାଉଛି
ଶୈବପୀଠ ଅଛି ଧବଳେଶ୍ୱର
ସେଇ ଜିଲା ପୁଅ ସୁଭାଷ ବୀର
ମରି ବି ଅମର ଗଲେଟି ହୋଇ
ବାଇମୁଣ୍ଡି ଚିନ୍ତା ସେ ଜିଲା ପାଇଁ
ପାଟିକୁ ସୁଆଦ କାକୁଡ଼ି କଷି
ଜିଲା ନାମ ଗୋଟି କହିବ ହସି।

**ଉତ୍ତର: କଟକ**

**– ଜଗଦୀଶ ସାହୁ**
ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬





# କେତେ ଉପକାରୀ ଜୈବିକ ଜାଳେଣି

ଦିନେ ମଦନବାବୁ ତାଙ୍କ ପୁଅ ପିଙ୍କୁକୁ ଧରି ବାଇକ୍‌ରେ କଟକରୁ ବାଲେଶ୍ୱର ଜାତୀୟ ରାଜପଥରେ ଯାଉଥିଲେ। ପିଙ୍କୁ ଗାଁ ସ୍କୁଲ୍‌ରେ ୯ମ ଶ୍ରେଣୀରେ ପାଠପଢ଼େ। ରାସ୍ତାରେ ଯିବା ସମୟରେ ମଦନବାବୁ କହିଲେ, "ଏହି ସାମ୍ନା ଦୋକାନରେ ମୁଁ ଚା ଟିକିଏ ପିଇବି, ଗାଡ଼ି ରଖୁଛି ତୁ ଓହ୍ଲେଇପଡ଼।" ମଦନବାବୁ ଯାଇ ଚା ପିଇଲେ। ପିଙ୍କୁ ରାସ୍ତା କଡ଼ରେ ଥିବା ଏକ ପ୍ରକାର ଗଛ ପାଖକୁ ଯାଇ ତା' ପତ୍ରକୁ ଧରି ନିରୀକ୍ଷଣ କରୁଥାଏ। ଚା ପିଇ ସାରି ମଦନବାବୁ କହିଲେ, ପିଙ୍କୁ! ଆସେ ଡେରି ହେବ, ଆମେ ଯିବା। ପିଙ୍କୁ ଆସି ଗାଡ଼ିରେ ବସିବା ପରେ ପଚାରିଲା, ବାପା! ରାସ୍ତାକଡ଼ରେ ଥିବା ଏ ଗଛଗୁଡ଼ିକର ନାଁ କ'ଣ ? ବାପା କହିଲେ, ସେ ଗଛର ନା ହେଉଛି କରଞ୍ଜ। ତା'ର ବୈଜ୍ଞାନିକ ନାମ ପୋଙ୍ଗାମିଆ ଗ୍ଲାବ୍ରା। ଘରକୁ ଯିବା ପରେ ସେ ଗଛ ସମ୍ପର୍କରେ ଆଲୋଚନା କରିବା। କିଛି ବାଟ ଯିବା ପରେ ପିଙ୍କୁ କହିଲା, ବାପା! ଗାଡ଼ି ଟିକିଏ ରଖ, ମୁଁ ପରିସ୍ରା ଯିବି। ପିଙ୍କୁ ପରିସ୍ରା କରିବା ସମୟରେ ଭିନ୍ନ ଏକ ଗଛକୁ ଦେଖୁଥାଏ। ପରିସ୍ରା କରି ସାରିବା ପରେ ଉକ୍ତ ଗଛକୁ ବାପାଙ୍କୁ ଦେଖାଇ ପଚାରିଲା, ବାପା! ଏହି ଗଛର ନାମ କ'ଣ ? ବାପା କହିଲେ, ତା'ର ନାମ ଆଙ୍କୁଲ ଶିଜୁଗଛ। ଏହା ଜଡ଼ା ଗଛ ସଦୃଶ। ଏହାର ମଧ୍ୟ ବୈଜ୍ଞାନିକ ନାମ ହେଲା 'ଜାଟ୍ରୋଫା କରିସସ୍'। ଦୁହେଁ କିଛି ସମୟ ପରେ ଘରେ ପହଞ୍ଚିଲେ। ପିଙ୍କୁ କହିଲା, ମା! ମୋତେ ଖାଇବାକୁ ଦିଅ। ଏଭଳି ରକମର ଗଛ ଦେଖିଲି, ଖାଇବା ପରେ ବାପା ସେ ଗଛ ଦୁଇଟି ସମ୍ପର୍କରେ କହିବେ।

ପିଙ୍କୁ ଖାଇ ସାରିବା ପରେ ବାପାଙ୍କ ପାଖକୁ ଗଲା। ବାପା ତାଙ୍କ କୋଠରିରେ ବସି ଖବରକାଗଜ ପଢୁଥିଲେ। ପିଙ୍କୁକୁ ଦେଖି କହିଲେ, ଖାଇ ସାରିଣିଲୁ? ପିଙ୍କୁ କହିଲା, ହଁ ବାପା। ଏବେ ସେ ଗଛ ଦୁଇଟି ସମ୍ପର୍କରେ କହୁଛି, ତୁ ମନ ଦେଇ ଶୁଣ। ଏ ଦୁଇ ଜାତିର ଗଛ ଆମ ସମାଜ ପାଇଁ ବହୁତ ଉପକାରୀ। ତୁ ଜାଣିଛୁ, ଡିଜେଲଚାଳିତ ଯାନ ବାଇକ୍‌ରୁ ଦୂଷିତ ଗ୍ୟାସ ବାହାରି ପରିବେଶକୁ ପ୍ରଦୂଷଣ କରୁଛି। ତେଣୁ ବୈଜ୍ଞାନିକମାନେ ଗବେଷଣା କରି ଏହି ଦୁଇ ପ୍ରକାର ଗଛର ତେଲକୁ ଯଦି



ଡିଜେଲ ସହିତ ମିଶାଇ ଗାଡି ମୋଟରରେ ବ୍ୟବହାର କରିବେ, ତେବେ ଦୂଷିତ ଗ୍ୟାସରେ ଯେଉଁ ଅଙ୍ଗାରକ କଣିକା ଅଛି, ତା'ର ପରିମାଣ କମିଯିବ। ସେହି ତୈଳକୁ ବାଇଓ ଡିଜେଲ ବା ଜୈବ ଡିଜେଲ କୁହାଯାଏ। ଜାଟ୍ରୋଫା(ଶିଜୁ) ମଞ୍ଜିରୁ ୩୫-୪୦% ତୈଳ ବାହାରିଥାଏ। ଖଣିଜ ଡିଜେଲ ସହିତ ଏହି ଜାଟ୍ରୋଫା ତେଲ ମିଶାଇ ଟ୍ରାକ୍ଟର, ପାଣିପମ୍ପ, ଧାନକଟା ଯନ୍ତ୍ରରେ ବ୍ୟବହାର କରାଯାଉଛି। ଏହି ତେଲର ରଙ୍ଗ ସୁନାପରି ହଳଦିଆ। ଦୁଇଭାଗ ଖଣିଜ ଡିଜେଲ ସହିତ ଏକଭାଗ ବାଇଓ ମିଶାଇ ଇଞ୍ଜିନରେ ବ୍ୟବହାର କରାଯାଏ।

ସେହିପରି କରଞ୍ଜ ଗଛ ଏକ ଶିମ୍ବଜାତୀୟ ଗଛ ହୋଇଥିବାରୁ ସେ ବାୟୁମଣ୍ଡଳରୁ ଯବକ୍ଷାରଜାନ ଗ୍ରହଣ କରି ମାଟିରେ ଉର୍ବର ଶକ୍ତି ବଢ଼ାଇଥାଏ। ଏହାର ପତ୍ରକୁ ସବୁଜ ସାର ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହାର ମଞ୍ଜିରୁ ମଧ୍ୟ ଡିଜେଲ ତୈଳ ବାହାରିଥାଏ। ଖଣିଜ ଡିଜେଲ୍‌ରେ ପ୍ରତି ଲିଟରରୁ ୪ରୁ ୫ ୟୁନିଟ୍ ଶକ୍ତି ମିଳିବା ସ୍ଥଳେ, ଏହି ବାଇଓ ଡିଜେଲରୁ ପ୍ରତି ଲିଟରରୁ ୩-୪ ୟୁନିଟ୍ ଶକ୍ତି ମିଳିଥାଏ। ଖଣିଜ ଡିଜେଲର ଉତ୍ପାଦନ ଖର୍ଚ୍ଚ ଅପେକ୍ଷା ବାଇଓ ଡିଜେଲର ଉତ୍ପାଦନ ଖର୍ଚ୍ଚ ପ୍ରାୟ ୪୮% କମ୍, ଅର୍ଥାତ୍ ଖଣିଜ ଡିଜେଲ୍‌ରେ ଅଧା ଦାମରେ ଆମେ ବାଇଓ ଡିଜେଲ୍ ପାଇପାରିବା। ପିଙ୍କୁ ପଚାରିଲା ବାପା! ଆମେ ପାଠରେ ପଢୁଛୁ ଯେ ସୌରଶକ୍ତିକୁ ବିନିଯୋଗ କରି ଗାଡ଼ି ଚାଲୁଛି ଓ ପବନ ଶକ୍ତିକୁ ବିନିଯୋଗ କରି ପାଣି ପମ୍ପ୍ ଚାଲୁଛି। ବାପା କହିଲେ, ସତ କଥା। ହେଲେ ସେ ଦୁଇ ପ୍ରକାର ଶକ୍ତିର ଉତ୍ପାଦନ ଖର୍ଚ୍ଚ ଢେର ଗୁଣା ଅଧିକ। କିନ୍ତୁ ବାଇଓ ଡିଜେଲର ଉତ୍ପାଦନ ଖର୍ଚ୍ଚ ବହୁତ କମ୍। ପୁଣି ଖଣିଜ ଡିଜେଲ୍ ଅପେକ୍ଷା ଏହି ବାଇଓ ଡିଜେଲ୍ ବହଳିଆ (ମୋଟାଳିଆ) ହୋଇଥିବାରୁ ବାଷ୍ପୀଭବନ ଶକ୍ତି କମ୍। ତେଣୁ ଇଞ୍ଜିନରେ ଅଳ୍ପ ତେଲ ଖର୍ଚ୍ଚ ହୋଇଥାଏ। ବର୍ତ୍ତମାନ ଆମେରିକା, ଫ୍ରାନ୍ସ ଭଳି ରାଷ୍ଟ୍ରରେ ଖଣିଜ ଡିଜେଲ୍ ସହିତ ଜୈବିକ ଡିଜେଲ୍ ମିଶାଇ ଯାନବାହନରେ ବ୍ୟବହାର କରାଯାଇଥାଏ। ଏଥିରୁ ସଲ୍‌ଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ବହୁତ କମ୍ ବାହାରିଥାଏ। ଫଳରେ ପରିବେଶ ପ୍ରତି ସେତେ ବିପଜ୍ଜନକ ନ ଥାଏ।

ପିଙ୍କୁ ପଚାରିଲା, ବାପା! ଏହି ବାଇଓ ଡିଜେଲ କିପରି ପ୍ରସ୍ତୁତ କରାଯାଏ ? ବାପା କହିଲେ, ମୁଁ ସଂକ୍ଷିପ୍ତରେ ତତେ କହିଦେଉଛି। ପ୍ରଥମେ ମଞ୍ଜିକୁ ପେଷି ତେଲ ବାହାର କରାଯାଏ। ଛଣାଯାଇ ମଇଳା ଅଂଶ ବାହାର କରାଯାଏ। ଏଥିରେ ମିଥାନଲ(ଆଲ୍‌କହଲ୍) ମିଶାଇ ରାସାୟନିକ ପ୍ରକ୍ରିୟାରେ ସେଥିରୁ ବାଇଓ ଡିଜେଲ୍ ଓ ଗ୍ଲିସେରିଲ୍ ବାହାରିଥାଏ। ବାପା କହିଲେ, ଆଲ୍‌କହଲ୍ ହେଉଛି ଆଖୁ ରସରୁ ବାହାରିବା ଏକ ପଦାର୍ଥ। ଗ୍ଲିସେରିଲ୍‌ରୁ ଗ୍ଲିସେରିନ୍ ପ୍ରସ୍ତୁତ କରାଯାଇ ଜଡ଼ା ତେଲ ବଦଳରେ ଏହାକୁ ଔଷଧ ରୂପେ ମଧ୍ୟ ବ୍ୟବହାର କରାଯାଏ। ତୁ ଯେତେବେଳେ ଛୋଟ ଥିଲୁ, ଦିନେ ତୋର ଝାଡ଼ା ନ ହେବାରୁ ମୁଁ ବଜାରରୁ ଗ୍ଲିସେରିନ୍ ଆଣିଥିଲି। ଜେଜେ ସେଥିରୁ ତୋତେ ବେଳାରେ ପିଆଇ ଦେଇଥିଲେ। ଅଳ୍ପ ସମୟ ପରେ ତୋର ପରିଷ୍କାର ଝାଡ଼ା ହୋଇଗଲା। ପିଙ୍କୁ କହିଲା, ବାପା! ମୋର ମନେପଡୁଚି ଜେଜେ ଦାନ୍ତ ଘଷିବା ପାଇଁ କରଞ୍ଜ ଦାନ୍ତକାଠି ବଜାରରୁ ତୁମେ ଆଣିଥିଲ। ବାପା କହିଲେ, ତୁ ଠିକ୍ କହିଛୁ। ପିଙ୍କୁ କହିଲା, "ବାପା, ମୁଁ ବହୁତ କିଛି ଆଜି ଶିଖିଲି। ମୋତେ ନିଦ ଲାଗୁଛି ମୁଁ ଟିକିଏ ଶୋଇପଡ଼ିବି।"

– **ବିନୋଦ ଚନ୍ଦ୍ର ଜେନା,**
ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩

# ହୃତ୍‌ପିଣ୍ଡ ନ ଥିବା ଜୀବ

**ହୃତ୍‌ପିଣ୍ଡ ଶରୀରର ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ବନ୍ଦ ହୋଇଗଲେ ମୃତ୍ୟୁ ହୋଇଥାଏ। ଏହା ଶରୀରର ରକ୍ତକୁ ପମ୍ପ କରିଥାଏ ଏବଂ ଅକ୍ସିଜେନ୍ ଏବଂ ପୋଷକ ତତ୍ତ୍ୱକୁ ସମ୍ପୂର୍ଣ୍ଣ ଶରୀରରେ ପହଞ୍ଚାଇଥାଏ। କିନ୍ତୁ ପିଲାମାନେ ତୁମେ ଜାଣିଛ କି, ଏମିତି କେତେକ ସାମୁଦ୍ରିକ ପ୍ରାଣୀ ଅଛନ୍ତି; ଯେଉଁମାନଙ୍କର ହୃତ୍‌ପିଣ୍ଡ ନାହିଁ। ହେଲେ ସେମାନେ ବଞ୍ଚି ରହିଛନ୍ତି। ଏଭଳି କେତେକ ପ୍ରମୁଖ ପ୍ରାଣୀଙ୍କ ବିଷୟରେ ଆସ ଜାଣିବା।**





**ଷ୍ଟାରଫିଶ୍:** ଷ୍ଟାରଫିଶ୍‌ରେ ହୃତ୍‌ପିଣ୍ଡ ନଥାଏ। ତାଙ୍କ ପାଖରେ ଏକ ଭାସ୍କୁଲାର ସିଷ୍ଟମ ରହିଛି, ଯାହା ତାଙ୍କ ଶରୀରରେ ପାଣି ପମ୍ପ୍ କରିଥାଏ। ଏହି ପାଣି ଅକ୍ସିଜେନ୍ ଓ ପୋଷକ ତତ୍ତ୍ୱକୁ ଶରୀର କୋଶିକା ପର୍ଯ୍ୟନ୍ତ ପହଞ୍ଚାଇଥାଏ।

**ଜେଲିଫିଶ୍:** ଜେଲିଫିଶ୍‌ର ହୃତ୍‌ପିଣ୍ଡ ନ ଥାଏ। ତାଙ୍କ ନିକଟରେ ଏକ ସରଳ ତନ୍ତ୍ରିକା ଯନ୍ତ୍ର ରହିଛି, ଯାହା ତାଙ୍କ ଶରୀରକୁ ନିୟନ୍ତ୍ରିତ କରିଥାଏ। ଏମାନେ ପାଣିରେ ପହଁରିବା ସମୟରେ ଅକ୍ସିଜେନ୍ ଗ୍ରହଣ କରିଥାନ୍ତି।

**ସି ଅର୍ଚ୍ଚିନ:** ସମୁଦ୍ରର ୫୦୦୦ମିଟର ଗଭୀରରେ ଏହା ଦେଖିବାକୁ ମିଳିଥାଏ। ଏହି ଜୀବଟି ଦେଖିବାକୁ ଛୋଟ, ଗୋଲାକାର ଏବଂ କଣ୍ଟାଯୁକ୍ତ ହୋଇଥାଏ। ଏହାର ବିଶେଷତ୍ୱ ହେଲା ବାୟୁମଣ୍ଡଳରେ ଥିବା କାର୍ବନ ଡାଇଅକ୍ସସାଇଡ୍‌କୁ ଏହା ଶୋଶି ନିଏ। ଏହାର ଶରୀରରେ ଏକ ତନ୍ତ୍ରିକା ବଳୟ ରହିଛି, ଯାହା ମୁହଁକୁ ଚାରିପଟରୁ ଘେରି ରହିଛି। ଏହା ସାହାଯ୍ୟରେ ସେ ତା ଶରୀରକୁ ନିଜେ ନିୟନ୍ତ୍ରିତ କରେ।

# ଅଫେରନ୍ତା ଦ୍ୱୀପ



**ଇ**ଟାଲୀର ଭେନେଶି ସହରରେ ଏକ ଆଇଲାଣ୍ଡ ରହିଛି, ଯେଉଁଠିକି ଯିଏ ଥରେ ଯାଇଛି ସେଠାରୁ ଆଉ ଫେରି ଆସିନାହିଁ। ଏହି ଦ୍ୱୀପଟି ହେଉଛି ପୋବୋଗ୍ଲିଆ। ଉକ୍ତ ଦ୍ୱୀପ ବିଷୟରେ ଏମିତି କିଛି ଭୟଙ୍କର କାହାଣୀ ରହିଛି, ଯେଉଁଥିପାଇଁ ଲୋକମାନେ ସେଠାକୁ ଯିବାକୁ ସାହସ କରନ୍ତି ନାହିଁ। ବହୁ ବର୍ଷ ପୂର୍ବେ ଏହି ଦ୍ୱୀପରେ ପ୍ଲେଗ ମହାମାରୀ ବ୍ୟାପିଥିଲା। ତା'ସହ ପ୍ଲେଗ୍ ପୀଡ଼ିତ ଲୋକଙ୍କୁ ଅଲଗା ରଖିବା ଲାଗି ଏହି ଦ୍ୱୀପକୁ ବ୍ୟବହାର କରାଯାଇଥିଲା। ଲକ୍ଷ ଲକ୍ଷ ଲୋକଙ୍କୁ ଆଣି ଏଠାରେ ଜୀବନ୍ତ ଜଳାଇ ଦିଆଯାଇଥିଲା। ସେଥିପାଇଁ ଏହି ଦ୍ୱୀପକୁ 'ପ୍ଲେଗଦ୍ୱୀପ' ମଧ୍ୟ କୁହାଯାଏ। ପ୍ଲେଗ ମହାମାରୀ ପରେ ଏହି ଦ୍ୱୀପକୁ କେତେ ବର୍ଷ ପର୍ଯ୍ୟନ୍ତ ଖାଲି ଛଡ଼ାଯାଇଥିଲା। ଊନବିଂଶ ଶତାବ୍ଦୀରେ ଏଠାରେ ଏକ ମନସ୍ତତ୍ତ୍ୱ ବିଭାଗ ଚିକିତ୍ସାଳୟ ନିର୍ମାଣ କରାଗଲା। କୁହାଯାଏ, ଏଠାରେ ପ୍ଲେଗ ରୋଗରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଆତ୍ମାଗୁଡ଼ିକ ଘୂରି ବୁଲୁଛନ୍ତି। ଯେମିତିକି ଅଚାନକ ଏଠାରେ ତାପମାତ୍ରା ବଦଳିବା, କେତେକ ଶବ୍ଦ ଶୁଣାଯିବା ଏବଂ ଅନ୍ଧାରରେ କିଛି ଦୃଶ୍ୟମାନ ହେଉଥିବାର ଲକ୍ଷ୍ୟ କରାଯାଏ। କୁହାଯାଏ, ଏହି ଦ୍ୱୀପକୁ ଆସୁଥିବା କେତେକ ଲୋକ ହଠାତ୍ ରୋଗଗ୍ରସ୍ତ ହୋଇପଡ଼ନ୍ତି। ଏପରିକି କେତେକ ଅଚାନକ ମୃତ୍ୟୁବରଣ କରିଥାଆନ୍ତି। ଏହି ଦ୍ୱୀପକୁ ଲୋକଙ୍କର ଯିବାଆସିବା ଉପରେ ପ୍ୟାରିସ୍ ସରକାର ନିଷେଧାଦେଶ ଜାରି କରିଛନ୍ତି।

# ଆ ଇ ନା



ଦେବାଂଶି ଦାଶ
୭ ବର୍ଷ/ରାଉରକେଲା



ତୁଲ୍‌ସି ପ୍ରଧାନ
୫ ବର୍ଷ/ଭୁବନେଶ୍ୱର